ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR-931-24/12/20

# କୋଭିଡ୍ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ

ଭୁବନେଶ୍ୱର- ୨୪.୧୨.୨୦୨୦

ଓଡିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ୟୁନିସେଫ୍ ଓଡିଶା ଶାଖାର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଭୁବନେଶ୍ୱର ରାଜ୍ୟ ସଂସ୍କୃତି ବିଭାଗ କାର୍ଯ୍ୟାଳୟ ସ୍ଥିତ ସଂସ୍କୃତି ଭବନ ଠାରୁ କୋଭିଡ୍ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି । ୭ଟି କୋଭିଡ୍ ସଚେତନତା ରଥ ରାଜ୍ୟର ୭ଟି ଜିଲ୍ଲା ଯଥା ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଗଂଜାମ, ଖୋର୍ଦ୍ଧା ସମେତ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ଡିସେମ୍ବର ୨୪ରୁ ୩୦ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ପରିକ୍ରମା କରି ସଚେତନତା ସୃଷ୍ଟି କରିବ । ଏହି ରଥ କରୋନା ମହାମାରୀରୁ ରକ୍ଷାପାଇଁ ଏବଂ ନିଜକୁ ସୁରକ୍ଷିତ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରିବ । ସ୍ଥାନୀୟ ଲୋକକଳାକାରମାନେ ମଧ୍ୟ ଏହି ସଚେତନତା କାର୍ଯ୍ୟରେ ଅଂଶ ଗ୍ରହଣ କରିବେ ।

ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରି ରାଜ୍ୟ ଜଳ ସଂପଦ , ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଲେ ଯେ, ଶୀତଋତୁକୁ ଦୃଷ୍ଟିରେ ରଖି ଏହି ସଚେତନତା କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି । କୋଭିଡ୍ ବିରୁଦ୍ଧ ପ୍ରତ୍ୟେକ କାର୍ଯ୍ୟ ମୂଳରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଦୂରଦୃଷ୍ଟି ରହିଆସିଛି । ତାଙ୍କ ଦ୍ୱାରା ନିୟମିତ ସମୀକ୍ଷା ଓ ବଳିଷ୍ଠ ପଦକ୍ଷେପ ଯୋଗୁଁ ଓଡିଶା କୋଭିଡ୍ ପରିଚାଳନା କ୍ଷେତ୍ରରେ ଭାରତ ବର୍ଷରେ ସୁନାମ ଅର୍ଜନ କରିଛି । ଏଥିପାଇଁ ଓଡିଶା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମଧ୍ୟ ଦୃଷ୍ଟି ଆକର୍ଷଣ କରିଛି । ଲୋକ କଳାକାରମାନେ ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ସେମାନଙ୍କ ଦ୍ୱାରା କୋଭିଡ୍ ସଚେତନତା ବାର୍ତା ପହଁଚାଇବାର ନୂଆ ଚିନ୍ତାଧାରା ଲୋକମାନଙ୍କ ପାଇଁ ମଙ୍ଗଳଦାୟକ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ଦାସ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଓଡିଆ ଭାଷା ଓ ସଂସ୍କୃତି ବିଭାଗର ପରାମର୍ଶ ଦାତା ଶ୍ରୀ ଜନ୍ମେଜୟ ଲେଙ୍କା ଯୋଗଦେଇ କହିଲେ ଯେ, ଗାଁ ଗହଳିରେ କୋଭିଡ୍ ସଚେତନତା ସୃଷ୍ଟି କରିବା ପାଇଁ ଲୋକ କଳାକାରମାନେ ଆଗେଇ ଆସିଛନ୍ତି । ତେବେ ଏଥିପାଇଁ କୋଭିଡ୍ ସ୍ଥିତିରେ ଅଧିକ ଶ୍ରମସ୍ୱୀକାର କରିବାକୁ ଥିଲେ ହେଁ, ଏହି ସଚେତନତା ବାର୍ତା ପ୍ରଚାର ପାଇଁ ସେମାନେ ଯେଉଁ ଦାୟିତ୍ୱ ନେଇଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ । ଓଡିଆ ଭାଷା ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଯୋଗଦେଇ କହିଲେ ଯେ, କରୋନା ସଂକ୍ରମଣର ମାତ୍ରା ହ୍ରାସ ପାଇଥିଲେ ବି ଏହା ଆମଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଇନି । ପ୍ରଥମ ପର୍ଯ୍ୟାୟରେ କୋଭିଡ୍ ରଥ ୭ଟି ଜିଲ୍ଲା ପାଇଁ ଆରମ୍ଭ କରାଯାଇଥିବା ବେଳେ ଅନ୍ୟ ଜିଲ୍ଲାପାଇଁ ମଧ୍ୟ ଏହି କାର୍ଯ୍ୟ ଆଗକୁ କରାଯିବ ବୋଲି ସେ କହିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ଯୋଗଦେଇ କହିଲେ ଯେ, ଯେବେଠାରୁ କୋଭିଡ୍ ଆସିଛି, ଓଡିଶାରେ ଏହାର ସଂକ୍ରମଣକୁ ରୋକିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ବିଭିନ୍ନ ପଦକ୍ଷେପ ନିଆଯାଇଛି । କରୋନା ରୋକିବା ପାଇଁ ଔଷଧ ବାହାରିବା ଓ ଏହାର ସଫଳ ଫଳପ୍ରଦ ହେବା ପର୍ଯ୍ୟନ୍ତ ଆମ ସମସ୍ତଙ୍କୁ ମାସ୍କ ବ୍ୟବହାର, ୨ ମିଟର ଶାରିରୀକ ଦୂରତା ରକ୍ଷା ଓ ୪୦ ସେକେଣ୍ଡ ଧରି ହାତ ଧୋଇବା ଅଭ୍ୟାସକୁ ମାନି ଚଳିବା ସଂପର୍କରେ ସଚେତନତା ଜାରି ରହିବାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଓଡିଆ ଭାଷା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ରଂଜନ କୁମାର ଦାସ ଯୋଗଦେଇ କହିଲେ ଯେ, କରୋନା କଟକଣା ଯୋଗୁଁ ଦୀର୍ଘ ଦିନ ଧରି ଲୋକ କଳାକାରମାନଙ୍କର ଜୀବନ ଜୀବିକା ନେଇ ପଦକ୍ଷେପ ନେବାକୁ ସରକାରଙ୍କ ଠାରେ ସେମାନଙ୍କର ଦାବୀ ଥିଲା । କରୋନା ସଂକ୍ରମଣ ପରବର୍ତୀ

ସଚେତନତାର ବାର୍ତାନେଇ କଳାକାରମାନେ ମୃତାହତ ସଂଖ୍ୟାକୁ କମାଇବାରେ ଅଧିକ ସହାୟକ ହେବେ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୟୁ.ନି.ସେ.ଫ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ମୀନା ସୋମ, ୟୁନିସେଫ୍ ଶାଖା ମୁଖ୍ୟ ଡା. ସୋମେନ୍ ରୟ , ୟୁନିସେଫ୍‌ର ସଂସ୍କୃତି ସଂଯୋଜକ ଶ୍ରୀ ବାସୁଦେବ ମାଳ ବିଶୋଇ, ସଂସ୍କୃତି ବିଭାଗ ଉପ ନିର୍ଦ୍ଦେଶକ ଶ୍ରୀ ଦେବାନନ୍ଦ ବରିହା, ସୂଚନା ଓ ଲୋକ ସଂପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ଶ୍ରୀ ନିରଂଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ମାଳବିଶୋଇଙ୍କ ଦ୍ୱାରା ରଚିତ ଓ ସଂଯୋଜିତ କରୋନା ସଚେତନତା ଆଧାରିତ ଅଡିଓ ସିଡି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ କୋଭିଡ୍ କଟକଣା ଅନୁପାଳନ ପାଇଁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ନାରାୟଣ ସ୍ୱାଇଁ ଓ ସାଥୀ ଏବଂ ଅନ୍ତର୍ଯ୍ୟାମୀ ବାରିକ ଏବଂ ସାଥୀଙ୍କ ଦ୍ୱାରା କୋଭିଡ୍ ସଚେତନତା ଉପରେ ଯଥାକ୍ରମେ ପାଲା ଓ ଘୋଡାନାଚ ପରିବେଷଣ କରାଯାଇଥିଲା । ଶ୍ରୀ ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ପ୍ରକାଶ ଥାଉକି, ପ୍ରସ୍ତୁତ ଯୋଜନା ଅନୁସାରେ ଚଳିତ ମାସ ୨୫ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୯ଟାରୁ ସଂଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଦିନକୁ ୨ ଗୋଟି ଭିନ୍ନ ଭିନ୍ନ ଲୋକକଳା ଦଳକୁ ସଚେତନତା ରଥ ସହ ସାମିଲ କରାଯିବ । ବ୍ୟବସ୍ଥା ହୋଇଥିବା ଗାଡିରେ ଲୋକକଳା ଦଳ କୋଭିଡ୍ ସମ୍ପର୍କରେ ଅନୁମୋଦିତ ହୋଇଥିବା ଲେଖା ଅନୁସାରେ ମଝିରେ ମଝିରେ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିବେ । ଏ ସଂପର୍କରେ ସବିଶେଷ ନିର୍ଦ୍ଦେଶନାମା ତଥା ନିୟମାବଳୀ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଜାରି କରାଯାଇଛି ।

ପଠାଣି ରାଉତ
ସୂଚନା ଅଧିକାରୀ